# NATIONAL NEWS BULLETIN (ODIA)

## 30 June - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ବୁଧବାର ଠାରୁ ୫ଟି ରାଷ୍ଟ୍ର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଏସିଆନ୍ ରାଷ୍ଟ୍ର ଗୁଡ଼ିକ ସହ ବୃତ୍ତିଗତ ଭାବେ ଜଳପଥ ସଂଯୋଗ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି, କହିଲେ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ।
- ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାରେ ଏକ ବିସ୍ଫୋରଣରେ ୧୨ ଜଣଙ୍କର ମୃତ୍ୟୁ ।

– ଶୋକ ପ୍ରକାଶ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ପୁରୀ ଦଳାଚକଟା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ।

ଏବଂ

- ଉ୍ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତା ଆଜିଠୁ ଆରମ୍ଭ ।

# ଏମ୍ଇଏ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ଠାରୁ ପାଞ୍ଚଟି ରାଷ୍ଟ୍ର ଗସ୍ତରେ ଯିବେ । ସେହି ରାଷ୍ଟ୍ର ଗୁଡ଼ିକ ହେଉଛି – ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ବୈଦେଶିକ ମନ୍ତ୍ରଣାଳୟର ଅର୍ଥନୈତିକ ସମ୍ପର୍କ ସଚିବ ଦାମୁ ରବି ଏହି ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ୍:

*ପାଞ୍ଚଟି ରାଷ୍ଟ୍ରକୁ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଘାନାକୁ ଯିବେ । ସେଠାରେ ଘାନାର ରାଷ୍ଟ୍ରପତିଙ୍କ ସହିତ ଦ୍ୱିପାକ୍ଷିକ ଅର୍ଥନୈତିକ, ଶକ୍ତି ଓ ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାଗିଦାରିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ସେ ଆଲୋଚନା କରିବେ । ଏହାପରେ ୩ ତାରିଖ ଦିନ ଶ୍ରୀ ମୋଦୀ ତ୍ରିନିଦାଦ ଓ ଟୋବାଗୋ ଗସ୍ତରେ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ*

ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ । ଜୁଲାଇ ୫ ତାରିଖରେ ସପ୍ତଦଶ ବ୍ରିକ୍ସ ସମ୍ମିଳନୀ ୨୦୨୫ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଶାନ୍ତି, ସୁରକ୍ଷା, ବହୁ କ୍ଷେତ୍ରୀୟ ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଅର୍ଥନୈତିକ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସେଠାକାର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ସେଠାକାର ସଂସଦର ଅଧିବେଶନରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବା ସହ ନାମିବିୟାର ପ୍ରଥମ ରାଷ୍ଟ୍ରପତି ସ୍ୱର୍ଗତ ଡକ୍ଟର ସାମ୍ ନୁଜୋମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବାର

*କାର୍ଯ୍ୟସୂଚୀ ରହିଛି । ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟରଂଜନ ମହାପାତ୍ର ।*

## ଟିଏନ୍-ସର୍ବାନନ୍ଦ ସୋନଓ୍ୱାଲ୍

ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ କହିଛନ୍ତି, କ୍ରୁଜ୍ ଜାହାଜ ଚଳାଚଳ ମାଧ୍ୟମରେ ଏସିଆନ୍ ରାଷ୍ଟ୍ରଗୁଡ଼ିକୁ ସଂଯୋଗ କରୁଥିବା ଭାରତର ୫ହଜାର କିଲୋମିଟର ଜଳପଥକୁ ବୃତ୍ତିଗତ ଭାବେ ସଂଯୋଗ କରିବା ପାଇଁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ପ୍ରଥମ ଏସିଆନ୍-ଭାରତ କ୍ରୁଜ୍ ଆଲୋଚନାକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ସୋନଓ୍ୱାଲ୍ କହିଛନ୍ତି, ସାଗରମାଳା ପଦକ୍ଷେପ ମାଧ୍ୟମରେ ୨୦୨୯ରେ ୧୦ ଲକ୍ଷ ଯାତ୍ରୀଙ୍କ ଗମନାଗମନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

୨୦୧୩-୧୪ରେ କ୍ରୁଜ୍ ଜାହାଜ ଚଳାଚଳ ୧୦୨ ମଧ୍ୟରେ ସୀମିତ ଥିବା ବେଳେ ବର୍ତ୍ତମାନ ଏହା ୧୪ ହଜାର ୨୭୨କୁ ବୃଦ୍ଧି ପାଇଛି । ଗତ ୧୧ ବର୍ଷ ମଧ୍ୟରେ ସରକାର ଏ ସମ୍ପର୍କିତ ନୀତି, ଭିତ୍ତିଭୂମି ବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତି ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶରେ ଉପକୂଳ ଅଞ୍ଚଳରେ ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ସରକାରୀ ଘରୋଇ ସହଭାଗିତାରେ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଶ୍ରୀ ସୋନଓ୍ୱାଲ ଏହି ଅବସରରେ ଆଲୋକପାତ କରିଛନ୍ତି । ଆଧୁନିକ ବିଶ୍ୱରେ ପ୍ରାଚୀନ ସଂସ୍କୃତିକୁ ପୁନରୁଦ୍ଧାର କରିବାରେ କ୍ରୁଜ୍ ପର୍ଯ୍ୟଟନ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି । ଭାରତ ଅନ୍ୟ ଏସିଆନ୍ ରାଷ୍ଟ୍ର ଗୁଡ଼ିକ ସହ ସମନ୍ୱିତ କ୍ରୁଜ୍ ନେଟ୍‌ଓ୍ୱାର୍କ କାର୍ଯ୍ୟକାରୀ କରିବାକୁ ଇଚ୍ଛୁକ ବୋଲି ଶ୍ରୀ ସୋନଓ୍ୱାଲ୍ କହିଛନ୍ତି ।

## ହାଇଦ୍ରାବାଦ୍ ବ୍ଲାଷ୍ଟ୍

ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲା ଅନ୍ତର୍ଗତ ଏକ ଫାର୍ମା କମ୍ପାନୀରେ ବିସ୍ଫୋରଣ ଘଟିବାରୁ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ୨୬ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି । ଅଗ୍ନିକାଣ୍ଡରେ କମ୍ପାନୀ ପରିସରରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍. ତଥା ଅନ୍ୟାନ୍ୟ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ତେଲଙ୍ଗାନା ଶ୍ରମ ମନ୍ତ୍ରୀ ବିବେକ ଭେଙ୍କଟ ସ୍ୱାମୀ ଘଟଣା ସ୍ଥଳ ପରିଦର୍ଶନ କରି କହିଛନ୍ତି, ବିସ୍ଫୋରଣ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଆହତଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର କୋଇଲା ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ

କହିଛନ୍ତି, ଉଦ୍ଧାର କାର୍ଯ୍ୟରେ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଆବଶ୍ୟକ ସହଯୋଗ ପ୍ରଦାନ କରାଯିବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ପୁରୀ ଦଳାଚକଟା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ଆଜିଠାରୁ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ଉନ୍ନୟନ କମିଶନର ଅନୁ ଗର୍ଗ ପୁରୀ ଗସ୍ତ କରି ଘଟଣାର ତଦନ୍ତ କରିଛନ୍ତି । ଶ୍ରୀମତୀ ଗର୍ଗ କହିଛନ୍ତି ଏହି ଘଟଣା ନେଇ ସମସ୍ତଙ୍କ ସହ ଆଲୋଚନା କରାଯିବ । ସରକାରଙ୍କୁ ଆସନ୍ତା ୩୦ ଦିନ ମଧ୍ୟରେ ଘଟଣାର ରିପୋର୍ଟ ପ୍ରଦାନ କରାଯିବ ବୋଲି ଉନ୍ନୟନ କମିଶନର କହିଛନ୍ତି ।

ଅପରପକ୍ଷରେ ଘଟଣାରେ ରାଜ୍ୟ ମାନବାଧିକାର କମିଶନ ପୁରୀ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି । ଦଳାଚକଟା ଘଟଣାରେ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ସହ ବାକିଥିବା ରଥଯାତ୍ରାର ନୀତିକାନ୍ତି ଶୃଙ୍ଖଳିତ ଭାବେ ସମାପନ କରିବା ଲାଗି ପଦକ୍ଷେପ ନେବାକୁ ମାନବାଧିକାର କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆର୍ମି ଚିଫ୍-ଭୁଟାନ୍

ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଆଜିଠାରୁ ଚାରି ଦିନିଆ ଭୁଟାନ ଗସ୍ତରେ ଯାଇଛନ୍ତି । ଦୁଇ ଦେଶ ମଧ୍ୟରେ ସ୍ଥାୟୀ ପ୍ରତିରକ୍ଷା ସହଯୋଗକୁ ବୃଦ୍ଧି କରିବା ଏହି ଗସ୍ତର ଉଦ୍ଦେଶ୍ୟ । ଏହି ଗସ୍ତ ଅବସରରେ ଜେନେରାଲ୍ ଦ୍ୱିବେଦୀ’ ଭୁଟାନର ରାଜା ଜିଗ୍ମେ ଖେସର୍ ନାମ୍‌ଗ୍ୱେଲ୍ ୱାଙ୍ଗ୍‌ଚୁକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ରୟାଲ୍ ଭୁଟାନ୍ ସେନାର ମୁଖ୍ୟ ଅପରେସନ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ୍ ବାଟୁଙ୍କ ସହ ମଧ୍ୟ ସେ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ସହଭାଗିତା ନେଇ ଏହି ଗସ୍ତ ଭାରତର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି ।

## ଜେକେ-ଅମରନାଥ ଯାତ୍ରା

ଅମରନାଥ ଯାତ୍ରା ଅବ୍ୟବହିତ ପୂର୍ବରୁ ଜାମ୍ମୁର ସରସ୍ୱତୀଧାମ ଠାରେ ଆଜି ଅଫ୍ ଲାଇନ୍ ଟୋକେନ୍ ବଣ୍ଟନ କେନ୍ଦ୍ର ଖୋଲା ଯାଇଛି । ସିଧାସଳଖ ପଞ୍ଜିକରଣ ତଥା ଟୋକେନ୍ ସଂଗ୍ରହ କରିବା ଲାଗି ସେହି କେନ୍ଦ୍ରରେ ଆଜି ତୀର୍ଥ ଯାତ୍ରୀଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ପହଲଗାମ୍ ଏବଂ ବାଲତାଲ୍ ଉଭୟ ପଥରେ ଯାତ୍ରା ପାଇଁ ସରସ୍ୱତୀଧାମରୁ ଟିକଟ ପ୍ରଦାନର ବ୍ୟବସ୍ଥା ହୋଇଛି । ବୈଷ୍ଣବୀଧାମ, ପଞ୍ଚାୟତ ଭବନ ଏବଂ ମହାଜନସଭା କେନ୍ଦ୍ର ଠାରେ ଆସନ୍ତାକାଲି ଠାରୁ ଅଫ୍‌ଲାଇନ୍ ପଞ୍ଜିକରଣ ତଥା ଟୋକେନ୍ ବ୍ୟବସ୍ଥା ଆରମ୍ଭ ହେବ । ୩ହଜାର ୮୮୦ ମିଟର ଉଚ୍ଚ ଏହି ପବିତ୍ର ଗୁମ୍ଫା ଉଦ୍ଦେଶ୍ୟରେ ଯିବାକୁ ଥିବା ତୀର୍ଥ ଯାତ୍ରୀଙ୍କ ପ୍ରଥମ ଦଳ ଆସନ୍ତା ବୁଧବାର ଜାମ୍ମୁ ସ୍ଥିତ ଭଗବତୀ ନଗର ମୂଳ କ୍ୟାମ୍ପ୍ ଯାତ୍ରୀ ନିବାସରୁ କାଶ୍ମୀର ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଏହି ବାର୍ଷିକ ଯାତ୍ରାର ସୁଗମ ପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ।

## ଜିଏସ୍‌ଟି କଲେକ୍‌ସନ୍

ଗତ ଆର୍ଥିକ ବର୍ଷରେ ଦ୍ରବ୍ୟ ଓ ସେବାକର ୨୨ ଲକ୍ଷ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ଗତ ୫ ବର୍ଷ ମଧ୍ୟରେ ଏ କ୍ଷେତ୍ରରେ ଦୁଇଗଣ

ବୃଦ୍ଧି ଘଟିଛି । ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ୍ ଜି.ଏସ୍.ଟି. ସଂଗ୍ରହ ୧୧ ଲକ୍ଷ ୩୭ ହଜାର କୋଟି ଟଙ୍କା ରହିଥିଲା । ଜି.ଏସ୍.ଟି. କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଆର୍ଥିକ ବର୍ଷ ହାରାହାରି ମାସିକ ସଂଗ୍ରହ ୧ ଲକ୍ଷ ୮୪ ହଜାର କୋଟି ଟଙ୍କା ରହିଥିଲା । ଦେଶରେ ସାମଗ୍ରୀ ଓ ସେବାକର ପ୍ରଚଳନ ଆସନ୍ତାକାଲି ୮ ବର୍ଷ ପୂରଣ କରିବ । ୨୦୧୭ରେ ଅର୍ଥନୈତିକ ଏକୀକରଣ ଲକ୍ଷ୍ୟ ନେଇ ଦେଶରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଏହାଦ୍ୱାରା ବ୍ୟବସାୟ ଖର୍ଚ୍ଚ ହ୍ରାସ ପାଇବା ସହ ରାଜ୍ୟଗୁଡ଼ିକ ମଧ୍ୟରେ ମୁକ୍ତ ସାମଗ୍ରୀ ପରିବହନକୁ ପ୍ରୋତ୍ସାହନ ମିଳିଥିଲା । ରାଜସ୍ୱ ସଂଗ୍ରହରେ ନିରନ୍ତର ଅଭିବୃଦ୍ଧି ଏବଂ ଏକକୋଟି ୫୦ ଲକ୍ଷରୁ ଅଧିକ ସକ୍ରିୟ କରଦାତା ଜି.ଏସ୍.ଟି.ର ସଫଳତାକୁ ପ୍ରତିଫଳନ କରୁଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପ୍ରାରମ୍ଭିକ ପର୍ଯ୍ୟାୟରେ ମାନସିକ ସମସ୍ୟାର ଚିହ୍ନଟ ଓ ଚିକିତ୍ସା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ମାନସିକ ଚିକିତ୍ସା ବିଭାଗର ପ୍ରଫେସର ଡାକ୍ତର ନନ୍ଦ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ ।

କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ପାକ୍-ଫ୍ଲଡ୍

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମୌସୁମୀ ବର୍ଷା ଜନିତ ପରିସ୍ଥିତି ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରେ ୧୧ ଜଣ ଶିଶୁ ରହିଛନ୍ତି । ପ୍ରାଦେଶିକ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦେଇଥିବା ସୂଚନା ଅନୁଯାୟୀ ବର୍ଷା ଜନିତ ପରିସ୍ଥିତି ଯୋଗୁଁ ଗତ ୨୪ ଘଣ୍ଟା ମଧ୍ୟରେ ୫୭ ଜଣ ଆହତ ହୋଇଛନ୍ତି । ବହୁ ଘର ଭୁଶୁଡ଼ି ପଡ଼ିବା ଫଳରେ ମୃତାହତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ପାଣିପାଗ ସୂଚନା ଅନୁଯାୟୀ ଲାହୋର, ସିଆଲକୋର୍ଟ୍, ଫୈସଲାବାଦ୍ ଏବଂ ଗୁଜଲ୍‌ୱାଲା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରାଧିକରଣ ସୂଚନା ଦେଇଛି ।

# ଟେନିସ୍

ଟେନିସ୍ କ୍ୟାଲେଣ୍ଡରର ତୃତୀୟ ଗ୍ରାଣ୍ଡସ୍ଲାମ୍ ୱିମ୍ବଲଡନ୍ ୨୦୨୫ ଆଜି ଲଣ୍ଡନ ସ୍ଥିତ ଅଲ୍ ଇଂଲଣ୍ଡ କ୍ଲବ୍‌ରେ ଆରମ୍ଭ ହେଉଛି । ଜୁଲାଇ ୧୩ରେ ପୁରୁଷ ଏକକ ବର୍ଗ ଫାଇନାଲ୍ ସହିତ ଟୁର୍ଣ୍ଣାମେଣ୍ଟ ସମାପ୍ତ ହେବ । ପୁରୁଷ ସିଙ୍ଗଲ୍ସରେ ଦୁଇଥର ପୂର୍ବତନ ଚାମ୍ପିୟନ୍ ଆଲ୍‌କାରାଜ ଆଜି ସନ୍ଧ୍ୟାରେ ପ୍ରଥମ ରାଉଣ୍ଡରେ ୩୮ ବର୍ଷୀୟ ଫାବିଓ ଫୋଗନିନିଙ୍କ ବିପକ୍ଷରେ ତାଙ୍କର ୱିମ୍ବଲଡନ୍ ଅଭିଯାନ ଆରମ୍ଭ କରିବେ ।

ମହିଳା ସିଙ୍ଗଲ୍ସରେ ଏକକବର୍ଗରେ ବାର୍ବୋରା କ୍ରେଜିକୋଭା ଆସନ୍ତାକାଲି ପ୍ରଥମ ରାଉଣ୍ଡରେ ଫିଲିପାଇନ୍ସର ଆଲେକ୍‌ଜାଣ୍ଡ୍ରା ଇଆଲାଙ୍କ ବିପକ୍ଷରେ ତାଙ୍କର ଅଭିଯାନ ଆରମ୍ଭ କରିବେ ।